**Total Pages–3** **AH ODI –01(CBCS)**

# 1st Semester Examination, 2020

*Time* : 3 hours

*Full Marks* : 80

Answer any **one** Group as per your Syllabus

Answer from **all** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

GROUP – A

**( MODEL SYLLABUS)**

**(ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ)**

**'କ' — ବିଭାଗ**

୧। *ଗୋଟିଏ* ବା *ଦୁଇଟି* ବାକ୍ୟରେ ଯେ କୌଣସି *୧୦ଟି* ପ୍ରଶ୍ନର ଉତ୍ତର ଦିଅ : ୨ × ୧୦

(*କ*) ଚର୍ଯ୍ୟାଗୀତିକାର ଅର୍ଥ କଣ ?

(*ଖ*) ଚର୍ଯ୍ୟାଗୀତିକାର ଆବିଷ୍କାର କିଏ, କେବେ କରିଥିଲେ ?

(*ଗ*) ନାଥ ସାହିତ୍ୟର ଦୁଇଟି ଗ୍ରନ୍ଥର ନାମ ଲେଖ ।

(*ଘ*) ସାରଳା ଦାସଙ୍କ ପିତୃଦତ୍ତ ନାମ କଣ ଥିଲା ?

(*ଙ*) 'ଗଙ୍ଗା କହିଲେ ଥିବି, ଗାଙ୍ଗୀ କହିଲେ ଯିବି' — ଏହାର ଅର୍ଥ କଣ ?

(*ଚ*) ସାରଳା ମହାଭାରତର ପର୍ବ ଓ ପଦସଂଖ୍ୟା କେତେ ?

(*ଛ*) 'ବ୍ରହ୍ମାଣ୍ଡ ଭୂଗୋଳ' କିଏ ରଚନା କରିଛନ୍ତି ?

(*ଜ*) 'ଶ୍ରୀୟାଚଣ୍ଡାଳୁଣୀ' କେଉଁ ପୁରାଣର ଚରିତ୍ର ଅଟେ ?

(*ଝ*) ଜଗନ୍ନାଥ ଦାସଙ୍କ ଭାଗବତ କେଉଁ ବୃତ୍ତରେ ରଚିତ ?

(*ଞ*) 'ଅର୍ଥ କୋଇଲି' କେଉଁ 'କୋଇଲି କବିତା'ର ଆଧ୍ୟାତ୍ମିକ ବ୍ୟାଖ୍ୟା ଅଟେ ।

(*ଟ*) 'ହେତୁଉଦୟଭାଗବତ' କାହାର ରଚନା ?

(*ଠ*) ଯଶୋବନ୍ତ ଦାସଙ୍କ ଦୁଇଟି ରଚନାର ନାମ ଲେଖ ।

(*ଡ*) 'ବଉଳା ଗାଈ' କାହାର ରଚନା ଅଟେ ?

(*ଢ*) 'ରକ୍ତନଦୀ ସନ୍ତରଣ' ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?

(*ଣ*) ନାଥଧର୍ମର ଆଦିଗୁରୁଙ୍କ ନାମ କଣ ?

**'ଖ'—ବିଭାଗ**

**ସମସ୍ତ** ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର : ୧୫ × ୪

**୨।** ଚର୍ଯ୍ୟାଗୀତିକା ଗୁଡ଼ିକର ଭାଷାତାତ୍ତ୍ୱିକ ମୂଲ୍ୟାୟନ କର ।

*ଅଥବା*

ନାଥଧର୍ମ କେନ୍ଦ୍ରିକ ରଚନା ଗୁଡ଼ିକର ପରିଚୟ ପ୍ରଦାନ କର ।

**୩।** ସାରଳା ସାହିତ୍ୟରେ ଓଡ଼ିଆ ସମାଜ ଜୀବନର ଚିତ୍ର କିପରି ପ୍ରତିଫଳିତ ହୋଇଛି ଦର୍ଶାଅ ।

*ଅଥବା*

ସାରଳା ମହାଭାରତରେ ସର୍ବଧର୍ମର ସମନ୍ୱୟ ଘଟିଛି— ଆଲୋଚନା କର ।

**୪।** ଓଡ଼ିଆ ଭାଗବତର ସାହିତ୍ୟିକ ମୂଲ୍ୟାୟନ କର ।

*ଅଥବା*

ବଳରାମ ଦାସଙ୍କ କୃତି ଗୁଡ଼ିକର ଆଲୋଚନା କର ।

**୫।** ଅଚ୍ୟୁତାନନ୍ଦ ଦାସଙ୍କ ରଚନା ଗୁଡ଼ିକର ପରିଚୟ ପ୍ରଦାନ କର ।

*ଅଥବା*

ଯଶୋବନ୍ତ ଦାସଙ୍କ ସାହିତ୍ୟକୃତି ଗୁଡ଼ିକର ବିଶ୍ଳେଷଣ କର ।

GROUP – B

**( OLD SYLLABUS)**

**(ଓଡ଼ିଆ ଭାଷାର ଇତିହାସ)**

**'କ'—ବିଭାଗ**

**୧।** *ସମସ୍ତ* ପ୍ରଶ୍ନର ଉତ୍ତର ଦିଅ : ୨ × ୮

(*କ*) ଲିପି କହିଲେ କଣ ବୁଝ ?

(*ଖ*) ଓଡ଼ିଆ ଲିପି ଉପରେ କେଉଁ ଦକ୍ଷିଣୀ ଲିପିର ପ୍ରଭାବ ପଡ଼ିଛି ?

(*ଗ*) ବୌଦ୍ଧ ଚର୍ଯ୍ୟାପଦ ଗୁଡ଼ିକ କେଉଁ ଭାଷାରେ ଲିଖିତ ?

(*ଘ*) ରୁଦ୍ରସୁଧାନିଧିର ଲେଖକ କିଏ ? ଏହାର ଭାଷା ରଚନା ଶୈଳୀ କିପରି ଦର୍ଶାଅ ।

(*ଙ*) ସାରଳା ଦାସ କେଉଁ ବୃତ୍ତରେ ଭାଷାର ବ୍ୟବହାର କରିଛନ୍ତି ? ଏକ ଉଦାହରଣ ଦିଅ ।

(ଚ) ଓଡ଼ିଆ ଭାଗବତର ଭାଷା କିପରି ଅଟେ । ଏକ ଉଦାହରଣ ଦିଅ ।

(ଛ) ଉପେନ୍ଦ୍ର ଭଞ୍ଜଙ୍କ ଆଳଙ୍କାରିକ ଭାଷାର ଗୋଟିଏ ଉଦାହରଣ ଦିଅ ।

(ଜ) ରୀତିଯୁଗୀୟ ପ୍ରାଚୀନ ଗୀତି କବିତା ଗୁଡ଼ିକର ଭାଷା କିପରି ଅଟେ ?

## 'ଖ'—ବିଭାଗ

**ସମସ୍ତ** ପ୍ରଶ୍ନର ଉତ୍ତର ଦିଅ : ୧୬×୪

**୨।** ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ କିପରି ହୋଇଛି ଆଲୋଚନା କର ।

*ଅଥବା*

ପ୍ରାଚୀନ ଓଡ଼ିଆ ଲିପି କେଉଁ ସ୍ତର ଦେଇ ଆଧୁନିକ ଓଡ଼ିଆ ଲିପିରେ ପରିଣତ ହୋଇଛି ଆଲୋଚନା କର ।

**୩।** ଓଡ଼ିଆ ନାଥ ସାହିତ୍ୟରେ କିପରି ଭାଷାର ବ୍ୟବହାର ହୋଇଛି ଆଲୋଚନା କର ।

*ଅଥବା*

ବୌଦ୍ଧ ଚର୍ଯ୍ୟାପଦରେ ପ୍ରାଚୀନ ଓଡ଼ିଆ ଭାଷା, ଶବ୍ଦ ଗଠନ ଓ ବିଭକ୍ତିର ବ୍ୟବହାର କିପରି ହୋଇଛି ଦର୍ଶାଅ ।

**୪।** କବି ବଳରାମ ଦାସଙ୍କ କୃତି ଗୁଡ଼ିକ ଆଲୋଚନା କରି ଏହାର ଭାଷା ବ୍ୟବହାର ସଂପର୍କରେ ଦର୍ଶାଅ ।

*ଅଥବା*

ସାରଳା ଦାସଙ୍କ ଭାଷା ପ୍ରୟୋଗର ଦକ୍ଷତା ତାଙ୍କ କୃତି ଆଧାରରେ ବିଶ୍ଲେଷଣ କର ।

**୫।** ରୀତିଯୁଗରେ ରଚିତ କାଳ୍ପନିକ କାବ୍ୟ ଗୁଡ଼ିକରେ କିପରି ଓଡ଼ିଆ ଭାଷା ଓ ସଂସ୍କୃତ ଶବ୍ଦ ଗୁଡ଼ିକର ବ୍ୟବହାର ହୋଇଛି ଆଲୋଚନା କର ।

*ଅଥବା*

ରୀତିଯୁଗର ଯେ କୌଣସି ଜଣେ କବିଙ୍କର ଭାଷା ପ୍ରୟୋଗ ପ୍ରତିଭା ସଂପର୍କରେ ତାଙ୍କ କୃତି ଆଧାରରେ ଆଲୋଚନା କର ।

# 1st Semester Examination, 2020

*Time* : 3 hours

*Full Marks* : 80

Answer any **one** Group as per your syllabus

Answer from **all** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

GROUP– A

(**MODEL SYLLABUS**)

## (ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ)

### 'କ' — ବିଭାଗ

୧। *ଗୋଟିଏ* ବା *ଦୁଇଟି* ବାକ୍ୟରେ ଯେ କୌଣସି *ଦଶଟି* ପ୍ରଶ୍ନର ଉତ୍ତର ଦିଅ : ୨ × ୧୦

(*କ*) ରୀତି ସାହିତ୍ୟର ଅର୍ଥ କଣ ?

(*ଖ*) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଉପରେ କେଉଁ ଧର୍ମର ପ୍ରଭାବ ଅଧିକ ଥିଲା ?

(*ଗ*) 'କ' ଅକ୍ଷରକୁ ଆରଂଭରେ ରଖି କେଉଁ କାବ୍ୟ ମଧ୍ୟଯୁଗରେ ରଚିତ ?

(*ଘ*) ଚଉତିଶା କାହାକୁ କହନ୍ତି ?

(*ଙ*) 'ଚମ୍ପୂ' କାହାକୁ କହନ୍ତି ?

(*ଚ*) ଚଉପଦୀ କାହାକୁ କହନ୍ତି ?

(*ଛ*) ଜଣାଣ ଓ ଭଜନ ମଧ୍ୟରେ ପାର୍ଥକ୍ୟ କଣ ?

(*ଜ*) ବିପ୍ରଲଂବ ଶୃଙ୍ଗାର କଣ ?

(*ଝ*) 'ଲାବଣ୍ୟବତୀ' କାବ୍ୟରେ କେଉଁ ରସର ପ୍ରାଧାନ୍ୟ ଦେଖିବାକୁ ମିଳେ ?

(*ଞ*) ସୌନ୍ଦର୍ଯ୍ୟ ଚେତନାର ଅର୍ଥ କଣ ?

(*ଟ*) ଉତ୍କଳୀୟ ବୈଷ୍ଣବ ଧର୍ମର ବୈଶିଷ୍ଟ୍ୟ କଣ ?

(*ଠ*) 'ଦେଖରେ ନଳିନୀ-ନଳିନୀ-ନଳିନୀରେ ପୂରିତ' — ଏହା କେଉଁ ଅଳଙ୍କାର ଅଟେ ?

(*ଡ*) 'ମିଶିଯାଏ ଯଥା ପ୍ରଭାତୀ ତାରାରବିକିରଣେ,
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ' — ଏହା କେଉଁ ଅଳଙ୍କାର ଅଟେ ?

(*ଢ*) 'ଗୁଜ୍ଜରୀ' ଛନ୍ଦର ଲକ୍ଷଣ ଉଲ୍ଲେଖ କର ।

(*ଣ*) 'ବଙ୍ଗଳାଶ୍ରୀ' ଛନ୍ଦର ଲକ୍ଷଣ ଉଲ୍ଲେଖ କର ।

## 'ଖ'-ବିଭାଗ

**ସମସ୍ତ** ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର : ୧୫ × ୪

୨। ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ଆଲୋଚନା କର ।

*ଅଥବା*

ତତ୍‌କାଳୀନ ରାଜନୀତିକ ଓ ଧାର୍ମିକ ପାଣିପାଗର ପ୍ରଭାବ ମଧ୍ୟଯୁଗୀୟ କାବ୍ୟରେ କିପରି ପଡ଼ିଛି ଆଲୋଚନା କର ।

୩। ମଧ୍ୟଯୁଗୀୟ କାବ୍ୟର ବିଷୟବିନ୍ୟାସ ଓ ପ୍ରକାରଭେଦ ଆଲୋଚନା କର ।

*ଅଥବା*

ମଧ୍ୟଯୁଗୀୟ କାବ୍ୟରେ ବିଭିନ୍ନ ଅଳଙ୍କାରର କିପରି ପ୍ରୟୋଗ ଘଟିଛି ସଦୃଷ୍ଟାନ୍ତ ଆଲୋଚନା କର ।

୪। ମଧ୍ୟଯୁଗୀୟ କାବ୍ୟ ଅବଲମ୍ବନରେ ବିଭିନ୍ନ ରସ ପ୍ରୟୋଗ କିପରି ହୋଇଛି ଦର୍ଶାଅ ।

*ଅଥବା*

ସୌନ୍ଦର୍ଯ୍ୟଚେତନା ମଧ୍ୟଯୁଗୀୟ କାବ୍ୟର ଐଶ୍ୱର୍ଯ୍ୟ—ଆଲୋଚନା କର ।

୫। ମଧ୍ୟଯୁଗୀୟ ଓଡ଼ିଆ ଗୀତିକବିତା ଗୁଡ଼ିକର ପରିଚୟ ପ୍ରଦାନ କର ।

*ଅଥବା*

'ଶ୍ରୀକୃଷ୍ଣ'ଙ୍କୁ କେନ୍ଦ୍ର କରି ରଚିତ ପ୍ରାଚୀନ ଗୀତିକବିତା ଗୁଡ଼ିକର ଉଦାହରଣ ଦିଅ ।

## GROUP– B

## (**OLD SYLLABUS**)

## (ଓଡ଼ିଆ ଭାଷା ଚର୍ଚ୍ଚାର ପରଂପରା)

## 'କ' — ବିଭାଗ

୧। *ସମସ୍ତ* ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର : ୨ × ୮

(*କ*) ଭାଷା କହିଲେ କଣ ବୁଝ ?

(*ଖ*) ମଧ୍ୟଭାରତୀୟ ଆର୍ଯ୍ୟଭାଷାର ସମୟସୀମା କେତେ ?

(*ଗ*) ଓଡ଼ିଆରେ କେତୋଟି ବ୍ୟଞ୍ଜନ ଧ୍ୱନି ଅଛି ?

(*ଘ*) ଧ୍ୱନି କାହାକୁ କୁହାଯାଏ ?

(*ଙ*) ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷା ପ୍ରଭାବର କାରଣ କଣ ?

(*ଚ*) ଓଡ଼ିଆ ଭାଷାରେ ବ୍ୟବହୃତ ଚାରୋଟି ପର୍ତ୍ତୁଗୀଜ ଶବ୍ଦର ନାମ ଲେଖ ।

(ଛ) ଓଡ଼ିଆ ଭାଷାରେ ବ୍ୟବହୃତ ଚାରୋଟି ଯାବନିକ ଶବ୍ଦର ନାକ ଲେଖ ।

(ଜ) ଦ୍ରାବିଡ଼ ଭାଷା କହିଲେ କେଉଁ ଭାଷାକୁ କୁହାଯାଏ ?

## 'ଖ'-ବିଭାଗ

**ସମସ୍ତ** ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର : ୧୬ × ୪

**୨ ।** ଭାଷାର ସଂଜ୍ଞା ପ୍ରଦାନ କରି ଏହାର ସ୍ୱରୂପ ଦର୍ଶାଅ ।

*ଅଥବା*

ପ୍ରାକୃତ ଭାଷାରୁ କିପରି ଓଡ଼ିଆ ଭାଷା ସୃଷ୍ଟି ହୋଇଛି ଆଲୋଚନା କର ।

**୩ ।** ବାକ୍ ଯନ୍ତ୍ରର ଗଠନ ଓ କ୍ରିୟା ଓ ଧ୍ୱନି ଉତ୍ପନ୍ନରେ ଏହାର ଭୂମିକା ସଂପର୍କରେ ଚିତ୍ର ଦ୍ୱାରା ବୁଝାଇ ଦିଅ ।

*ଅଥବା*

ଓଡ଼ିଆ ସ୍ୱର ଧ୍ୱନି ସଂପର୍କରେ ଆଲୋଚନା କର ।

**୪ ।** ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର କିପରି ପ୍ରଭାବ ପଡ଼ିଛି ଆଲୋଚନା କର ।

*ଅଥବା*

ଓଡ଼ିଆ ଭାଷା ଉପରେ ପର୍ତ୍ତୁଗୀଜ ଭାଷା ପ୍ରଭାବର କାରଣ ଦର୍ଶାଇ ଓଡ଼ିଆରେ ବ୍ୟବହୃତ ପର୍ତ୍ତୁଗୀଜ ଶବ୍ଦର ଦୃଷ୍ଟାନ୍ତ ଦିଅ ।

**୫ ।** ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବ ଦର୍ଶାଅ ।

*ଅଥବା*

ଯାବନିକ ଭାଷାର ପ୍ରଭାବ କାହିଁକି ଓ କିପରି ଓଡ଼ିଆ ଭାଷା ଉପରେ ପଡ଼ିଛି ଆଲୋଚନା କର ।

Total Pages–3 **AG ODI –01(CBCS)**

## 1st Semester Examination, 2020

*Time* : 3 hours

*Full Marks* : 80

Answer any **one** Group as per your Syllabus

Answer from **all** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

GROUP – A

**( MODEL SYLLABUS)**

**(ଗଣମାଧ୍ୟମ, ବେତାରକଳା ଓ ବିଜ୍ଞାପନକଳା)**

**'କ'—ବିଭାଗ**

୧। ଯେ କୌଣସି *୧୦ଟି* ପ୍ରଶ୍ନର *ଗୋଟିଏ* ବା *ଦୁଇଟି* ଧାଡ଼ିରେ ଉତ୍ତର ଦିଅ : ୨×୧୦

(*କ*) ଲୋକନୃତ୍ୟ ଓ ଲୋକନାଟକ କେଉଁ ଗଣମାଧ୍ୟମର ଅଂଶ ?

(*ଖ*) ଗଣମାଧ୍ୟମ କେତେ ଭାଗରେ ବିଭକ୍ତ ?

(*ଗ*) ଦୂରଦର୍ଶନ, ସିନେମା, ଅନ୍ତର୍ଜାଲ ଆଦି କେଉଁ ଗଣମାଧ୍ୟମ ଅନ୍ତର୍ଭୁକ୍ତ ?

(*ଘ*) ଗଣମାଧ୍ୟମ କେବେ ସୂଚନା ଅଧିକାର ଅନ୍ତର୍ଭୁକ୍ତ ହେଲା ?

(*ଙ*) ବିଜ୍ଞାପନର ଉଦ୍ଦେଶ୍ୟ କଣ ?

(*ଚ*) ବିଜ୍ଞାପନର ସଂଜ୍ଞା କଣ ?

(*ଛ*) ଫିଚର କାହାକୁ କୁହାଯାଏ ?

(*ଜ*) ସ୍ତମ୍ଭ କାହାକୁ କୁହାଯାଏ ?

(*ଝ*) ବାଣିଜ୍ୟିକ ପତ୍ର କାହାକୁ କହନ୍ତି ?

(*ଞ*) ବ୍ୟକ୍ତିଗତ ପତ୍ର କାହାକୁ କୁହାଯାଏ ?

(*ଟ*) ଚାରୋଟି ମୁଦ୍ରିତ ଗଣମାଧ୍ୟମର ନାମ ଲେଖ ।

(*ଠ*) ସଂପାଦକୀୟ କାହାକୁ କୁହାଯାଏ ?

**'ଖ'—ବିଭାଗ**

**ସମସ୍ତ** ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର : ୧୫×୪

୨। ଗଣମାଧ୍ୟମର ସଂଜ୍ଞା ପ୍ରଦାନ କରି ଏହାର ପ୍ରକାରଭେଦ ଦର୍ଶାଅ ।

*ଅଥବା*

ବୈଦ୍ୟୁତିକ ଗଣମାଧ୍ୟମ ଓ ପାରଂପାରିକ ଗଣମାଧ୍ୟମ ସଂପର୍କରେ ଆଲୋଚନା କର ।

୩। ବିଜ୍ଞାପନ କାହାକୁ କୁହାଯାଏ ? ବିଜ୍ଞାପନର ଉଦ୍ଦେଶ୍ୟ ଆଲୋଚନା କର ।

*ଅଥବା*

ବିଜ୍ଞାପନର ସଂଜ୍ଞା, ସ୍ୱରୂପ ଓ ପରିସର ଆଲୋଚନା କର ।

୪। ସ୍ତମ୍ଭ ଲିଖନ କହିଲେ କଣ ବୁଝ ? ଏହାର ରଚନାଶୈଳୀ ସଂପର୍କରେ ଆଲୋଚନା କର ।

*ଅଥବା*

'ଦକ୍ଷୀଣ ଓଡ଼ିଶାର ଲୋକନାଟକ ପରଂପରା ଓ ପ୍ରହ୍ଲାଦ ନାଟକ' ଶୀର୍ଷକକୁ ଭିତ୍ତିକରି ଏକ ଫିଚର ରଚନା କର ।

୫। ତୁମ ଅଂଚଳରେ କରୋନା ମହାମାରୀ ବ୍ୟାପୁଥିବା ଯୋଗୁ ଏହାର ନିରାକରଣ ପାଇଁ ଏକ ଖବରକାଗଜର ସଂପାଦକଙ୍କୁ ପତ୍ର ଲେଖ ।

*ଅଥବା*

କାର୍ଯ୍ୟାଳୟ ଭିତ୍ତିକ ପତ୍ର କାହାକୁ କୁହାଯାଏ ? ଏହାର ପ୍ରକ୍ରିୟା ସଂପର୍କରେ ଆଲୋଚନା କର ।

## GROUP – B

## ( OLD SYLLABUS)

## (ଯୋଗାଯୋଗର ଭଙ୍ଗୀ ଓ ସମ୍ବାଦ ପ୍ରସ୍ତୁତି)

### 'କ'—ବିଭାଗ

୧। *ସମସ୍ତ* ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ : ୨ × ୮

(*କ*) ବାଣିଜ୍ୟିକପତ୍ର କିଏ, କାହାକୁ ଓ କାହିଁକି ଲେଖନ୍ତି ?

(*ଖ*) ସଂପାଦକଙ୍କୁ ଯେଉଁ ପତ୍ର ଲେଖାଯାଏ , ତାହାର ଆରଂଭ କିପରି କରାଯାଏ ଦର୍ଶାଅ ।

(*ଗ*) ସଫଳ ଭାଷଣ ଦେବାକୁ ହେଲେ କଣ କରିବାକୁ ହୁଏ ସଂକ୍ଷେପରେ ଦର୍ଶାଅ ।

(*ଘ*) ସାକ୍ଷାତ୍‌କାର କାହାକୁ କହନ୍ତି ?

(*ଙ*) ବେତାର ସମ୍ବାଦ ଓ ଦୂରଦର୍ଶନ ସଂବାଦ ମାଧ୍ୟମରେ ପାର୍ଥକ୍ୟ କଣ ?

(*ଚ*) ଚାରୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରର ନାମ ଲେଖ ।

(*ଛ*) ତର୍କର ସଂଜ୍ଞା ପ୍ରଦାନ କର ।

(ଜ) ଦଳଗତ ଆଲୋଚନାରେ ଉଭୟ ଦଳରେ ଜଣେ ଲେଖାଁ ସଦସ୍ୟ ରହନ୍ତି— ଏହି ଉକ୍ତି ଠିକ୍ ନା ଭୁଲ୍ । ଯଦି ଭୁଲ୍ ସଠିକ ବାକ୍ୟ ଲେଖନ୍ତୁ ।

## 'ଖ'—ବିଭାଗ

**ସମସ୍ତ** ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର : ୧୬×୪

**୨।** ତର୍କ ଓ ବିତର୍କର ପରିଭାଷା ପ୍ରଦାନ କରି ଉଭୟ ମଧ୍ୟରେ ଥିବା ପାର୍ଥକ୍ୟ ଗୁଡ଼ିକୁ ଆଲୋଚନା କର ।

*ଅଥବା*

ଦଳଗତ ଆଲୋଚନା କଣ ? ଏହାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ସଂପର୍କରେ ଆଲୋଚନା କର ।

**୩।** ସମ୍ବାଦପତ୍ର ପାଇଁ କିପରି ସମ୍ବାଦ ସଂଗ୍ରହ କରାଯାଏ ଓ ରଚନା କରାଯାଏ ଆଲୋଚନା କର ।

*ଅଥବା*

ଦୂରଦର୍ଶନ ମାଧ୍ୟମରେ ସମ୍ବାଦ ପରିବେଷଣ କାହିଁକି ଆବୃତ ହୋଇଥାଏ ଆଲୋଚନା କର ।

**୪।** ସଫଳ ସାକ୍ଷାତ୍‌କାର ପାଇଁ କଣ ସବୁ ଆବଶ୍ୟକ ହୁଏ ଆଲୋଚନା କର ।

*ଅଥବା*

ଭାଷଣ କିପରି ପ୍ରସ୍ତୁତ ହୁଏ ଓ ପରିବେଷଣ କରାଯାଏ ଆଲୋଚନା କର ।

**୫।** ତୁମେ କରୋନାରୁ ମୁକ୍ତ ହୋଇଛ। କରୋନାରୁ ବଂଚିବା ପାଇଁ କଣ ସବୁ କରିବା ଦରକାର, ତୁମର ଅଭିଜ୍ଞତାକୁ ପତ୍ର ମାଧ୍ୟମରେ ବଂଧୁଙ୍କୁ ଦର୍ଶାଅ ।

*ଅଥବା*

ତୁମ ଅଂଚଳର ଯେ କୌଣସି ଗୋଟିଏ ସମସ୍ୟାକୁ ଦୈନିକ ଖବରକାଗଜରେ ପ୍ରକାଶ କରିବା ପାଇଁ ଏକ ଦୈନିକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

Total Pages—3

**AH ORI—01**

**2019**

**( 1st Semester )**

*Time* : 3 hours

*Full Marks* : 80

Answer from **both** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

**( ଓଡ଼ିଆ ଭାଷାର ଇତିହାସ )**

SECTION—A

୧। ସମସ୍ତ ପ୍ରଶ୍ନର ଉତ୍ତର ଲେଖ : ୨ × ୮

(କ) ଚର୍ଯ୍ୟାପଦର ଭାଷାକୁ ସଂଧା ଭାଷା କାହିଁକି କୁହାଯାଏ ?

(ଖ) ଚର୍ଯ୍ୟାଗୀତିକାର ଭାଷାରେ କେଉଁ ଅପଭ୍ରଂଶ ପରିଲକ୍ଷିତ ହୁଏ ?

(ଗ) 'ରୁଦ୍ର ସୁଧାନିଧି'ରେ ପ୍ରୟୋଗ ହୋଇଥିବା ଭାଷାର ସମୟକାଳ କେତେ ?

(ଘ) 'ଶିଶୁବେଦ' କିଏ ରଚନା କରିଛନ୍ତି, ଆଉ ଗୋଟିଏ ନାଥଧର୍ମ ସମ୍ପୃକ୍ତ ରଚନାର ନାମ ଲେଖ ।

( *Turn Over* )

(ଙ) ''ସେମାନେ କହିଲେ ମୁଗଲ ଗୋଳ ହୋଇବାକୁ, ସୋମୋଦ୍ର ମାଡ଼ିଆସିଲାକୁ ଅପାର ଦିନ ହୋଇଲା, ଏହା କେଉଁ ଗ୍ରନ୍ଥର ଭାଷା ।

(ଚ) ''ଭାଗବତର'' ଭାଷାକୁ ପ୍ରାମାଣିକ ଭାଷା କହିବାର କାରଣ କ'ଣ ?

(ଛ) ରୀତିଯୁଗୀୟ କାବ୍ୟରେ ମୁଖ୍ୟତଃ କେଉଁ ପ୍ରକାର ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ ।

(ଜ) ସାରଳା ମହାଭାରତ କେଉଁ ବୃତ୍ତରେ ରଚିତ ଏବଂ ସେଇବୃତ୍ତରେ ରଚିତ ଅନ୍ୟ ଜଣେ କବିଙ୍କ ରଚନାର ନାମ ଲେଖ ।

## SECTION—B

ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୧୬ × ୪

୨। ଚର୍ଯ୍ୟାଗୀତିକାରୁ ଓଡ଼ିଆ ଭାଷାର ସ୍ୱରୂପ ନିର୍ଣ୍ଣୟ କର ।

*ଅଥବା*

ଓଡ଼ିଆ ଲିପିର କ୍ରମବିକଶିତ ରୂପକୁ ସଦୃଷ୍ଟାନ୍ତ ଆଲୋଚନା କର ।

୩। 'ଭାଗବତ'ର ଭାଷା ହେଉଛି ପ୍ରାମାଣିକ ଭାଷା — ଏହା ପ୍ରତିପାଦନ କର ।





*ଅଥବା*

ତନ୍ତ୍ର ସାହିତ୍ୟ ଯୁଗର ସୃଷ୍ଟି ସୌରଭ ଓଡ଼ିଆ ଭାଷା ସାହିତ୍ୟକୁ କିପରି ପରିପୁଷ୍ଟ କରିଛି ଆଲୋଚନା କର ।

୪। 'ରୁଦ୍ର ସୁଧାନିଧି'ର ଧାର୍ମିକ ବୈଶିଷ୍ଟ୍ୟ ପ୍ରତିପାଦନ କରି ଏଥିରେ ପ୍ରୟୋଗ ହୋଇଥିବା ଭାଷାର ସ୍ୱାତନ୍ତ୍ରତା ନିର୍ଣ୍ଣୟ କର ।

*ଅଥବା*

'ମାଦଳାପାଞ୍ଜି'ର ନାମକରଣ ବୈଶିଷ୍ଟ୍ୟ ଉପସ୍ଥାପନ କରି ଏହାର ଭାଷା ସଂପର୍କରେ ଆଲୋଚନା କର ।

୫। ଆଳଙ୍କାରିକ ଭାଷା ରୀତିଯୁଗୀୟ କାବ୍ୟ ସୁନ୍ଦରୀଙ୍କୁ ସୌନ୍ଦର୍ଯ୍ୟମଣ୍ଡିତ କରିଛି ଆଲୋଚନା କର ।

*ଅଥବା*

ଓଡ଼ିଆ ନାଥ ସାହିତ୍ୟର ଭାଷାଗତ ବୈଶିଷ୍ଟ୍ୟ ନିରୂପଣ କର ।

**AH ORI—02**

**2019**

**( 1st Semester )**

*Time* : 3 hours

*Full Marks* : 80

Answer from **both** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

**( ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା )**

SECTION—A

୧। ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୨ × ୮

(କ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ସମୟକାଳ କେତେ ।

(ଖ) ଓଡ଼ିଆ ଭାଷା କେଉଁ ଅପଭ୍ରଂଶ ଭାଷାରୁ ସୃଷ୍ଟି ।

(ଗ) ଓଡ଼ିଆ ଭାଷାରେ କେତୋଟି ବର୍ଗ ବ୍ୟଞ୍ଜନ ଅଛି ।

(ଘ) ସ୍ୱରଧ୍ୱନି କାହାକୁ କୁହାଯାଏ ? ଓଡ଼ିଆ ସ୍ୱରଧ୍ୱନିରେ କେତୋଟି ସଂଯୁକ୍ତ ସ୍ୱର ଅଛି ?

( Turn Over )

(ଙ) ସଘୋଷ ଧ୍ୱନି କାହାକୁ କୁହାଯାଏ ଉଦାହରଣ ସହ ଲେଖ ।

(ଚ) ଦକ୍ଷିଣ ଭାରତୀୟ ଭାଷା ସମୂହକୁ କେଉଁ ଭାଷା ପରିବାରର ଅନ୍ତର୍ଭୁକ୍ତ କରାଯାଇଛି ।

(ଛ) ଇଷ୍ଟ ଇଣ୍ଡିଆ କମ୍ପାନି କେତେ ମସିହାରେ ଭାରତରେ ପ୍ରତିଷ୍ଠିତ ହୋଇଥିଲା ।

(ଜ) କେଉଁ କେଉଁ ଭାଷା ଗୁଡ଼ିକୁ ଦ୍ରାବିଡ଼ ଭାଷା ପରିବାରର ଅର୍ନ୍ତଭୁକ୍ତ କରାଯାଇଛି ?

## SECTION—B

ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୧୬×୪

୨। (କ) ଭାଷାର ସଂଜ୍ଞା ସ୍ୱରୂପ ଆଲୋଚନା କର ।

*କିମ୍ବା*

(ଖ) ଭାରତୀୟ ଆର୍ଯ୍ୟଭାଷା ଗୁଡ଼ିକର ପରିଚୟ ପ୍ରଦାନ କର ।

୩। (କ) ସ୍ୱରଧ୍ୱନିର ସଂଜ୍ଞା ନିରୂପଣ କରି ଏହାର ଉଚ୍ଚାରଣ ପଦ୍ଧତି ନିର୍ଣ୍ଣୟ କର ।

*କିମ୍ବା*

(ଖ) ବ୍ୟଞ୍ଜନଧ୍ୱନିର ବର୍ଗୀକରଣ ଦର୍ଶାଇ ଏହାର ଉଚ୍ଚାରଣ ସ୍ଥାନ ନିରୂପଣ କର ।





୪। (କ) ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ କିପରି ପଡ଼ିଛି ଆଲୋଚନା କର ।

*କିମ୍ବା*

(ଖ) ଓଡ଼ିଆ ଭାଷା ଉପରେ ପର୍ତ୍ତୁଗୀଜ ଭାଷାର ପ୍ରଭାବ ଦର୍ଶାଅ ।

୫। (କ) ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବକୁ ଦର୍ଶାଅ ।

*କିମ୍ବା*

(ଖ) ଓଡ଼ିଆ ଭାଷା ଉପରେ ଯାବନିକ ଭାଷାର ପ୍ରଭାବ ଆଲୋଚନା କର ।

**2019**

**(1st Semester)**

*Time* : 3 hours

*Full Marks* : 80

Answer from **both** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

**(ଯୋଗାଯୋଗ ଭଙ୍ଗୀ ଓ ସମ୍ବାଦ ପ୍ରସ୍ତୁତି)**

**କ — ବିଭାଗ**

୧। *ସମସ୍ତ* ପ୍ରଶ୍ନର ଉତ୍ତର ଲେଖ : ୨ × ୮

(କ) ଦୁଇଗୋଟି ବୈଦ୍ୟୁତିକ ଗଣମାଧ୍ୟମର ନାମ ଲେଖ ।

(ଖ) ଦୂରଦର୍ଶନ କେବେ ପ୍ରତିଷ୍ଠା ହୋଇଥିଲା ।

(ଗ) ରେଡିଓ କିଏ ଉଦ୍ଭାବନ କରିଥିଲେ ।

(ଘ) ଦଳଗତ ଆଲୋଚନାର ବିଷୟବସ୍ତୁଗତ ବୈଶିଷ୍ଟ୍ୟ କ'ଣ ?

(ଙ) ତର୍କ-ସଭାର ଅନ୍ତର୍ନିହିତ ଉଦ୍ଦେଶ୍ୟ କ'ଣ ?

( Turn Over )

(ଚ) ଆଞ୍ଚଳିକ ସମ୍ବାଦ କହିଲେ କଣ ବୁଝ ? ଏହା କେଉଁ ବେତାର କେନ୍ଦ୍ରରେ ପରିବେଷଣ କରାଯାଇଥାଏ ।

(ଛ) ତିନିଗୋଟି ଗଣମାଧ୍ୟମର ନାମ ଲେଖ ।

(ଜ) ବ୍ୟକ୍ତିଗତ ପତ୍ର କାହାକୁ କୁହାଯାଏ ।

## ଖ — ବିଭାଗ

**ସମସ୍ତ** ପ୍ରଶ୍ନର ଉତ୍ତର ଦିଅ : ୧୬ × ୪

୨। (କ) ଦଳଗତ ଆଲୋଚନାର ସାଫଲ୍ୟ କେଉଁ କେଉଁ ଦିଗ ଉପରେ ନିର୍ଭର କରେ ଆଲୋଚନା କର ।

*କିମ୍ବା*

(ଖ) ତର୍କ ବିତର୍କ ବିସ୍ତୃତ ଜ୍ଞାନ ଉପରେ ପର୍ଯ୍ୟବେଶିତ ଆଲୋଚନା କର ।

୩। (କ) ସଂବାଦ ପତ୍ରର ସଂଜ୍ଞା ସ୍ୱରୂପ ସଂପର୍କରେ ଆଲୋଚନା କର ।

*କିମ୍ବା*

(ଖ) ଗଣମାଧ୍ୟମର ପରିସର ସଂପର୍କରେ ଆଲୋଚନା କର ।

୪। (କ) ସଂବାଦ ପରିବେଷଣ ଓ ପ୍ରସ୍ତୁତି କୌଶଳ ଉପସ୍ଥାପନ କର ।





*କିମ୍ବା*

(ଖ) ଭାଷଣ ଦେବା ଏକ ବିଜ୍ଞାନ ସମ୍ମତ କଳା — ଆଲୋଚନା କର ।

୫। (କ) ସଂପାଦକୀୟ ପତ୍ର କାହାକୁ କୁହାଯାଏ ? ଏହାର ଶୈଳୀତତ୍ତ୍ୱ ସଂପର୍କରେ ଆଲୋଚନା କର ।

*କିମ୍ବା*

(ଖ) ବାଣିଜ୍ୟିକପତ୍ର କାହାକୁ କୁହାଯାଏ ? ଏହାର ଲିଖନ ଶୈଳୀ ସଂପର୍କରେ ଆଲୋଚନା କର ।

Total Pages—3 **AHORI 02**

**2018**

**(1st Semester)**

*Time* : 3 hours

*Full Marks* : 80

Answer from **both** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

## (ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା)

### 'କ' – ବିଭାଗ

୧। **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ : ୨ × ୮

(କ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା କେତେ ଭାଗରେ ବିଭକ୍ତ ଓ କଣ କଣ ?

(ଖ) ଭାଷାର ଗୋଟିଏ ସଂଜ୍ଞା ପ୍ରଦାନ କର ।

( *Turn Over* )

(ଗ) ବାକ୍‌ଯନ୍ତ୍ର କହିଲେ କଣ ବୁଝ ?

(ଘ) ଓଡ଼ିଆ ଭାଷାରେ କେତୋଟି ସ୍ୱରଧ୍ୱନି ରହିଛି ଓ କଣ କଣ ?

(ଙ) ପର୍ତ୍ତୁଗୀଜ ଭାଷାର ଓଡ଼ିଆରେ ପ୍ରଚଳିତ ଦୁଇଟି ଶବ୍ଦର ନାମ ଲେଖ ।

(ଚ) ଦୁଇଟି ଯାବନିକ ଶବ୍ଦର ଉଦାହରଣ ଦିଅ ।

(ଛ) ଓଡ଼ିଆରେ କେତୋଟି ଧ୍ୱନି ଅଛି ।

(ଜ) କେଉଁ ମାଗଧିରୁ ଓଡ଼ିଆ ଭାଷାର ସୃଷ୍ଟି ?

## 'ଖ' – ବିଭାଗ

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ :** ୧୬ × ୪

୨। ଭାଷାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

*କିମ୍ବା*

ଭାରତୀୟ ଆର୍ଯ୍ୟଭାଷାରୁ କିପରି ଓଡ଼ିଆ ଭାଷାର ସୃଷ୍ଟି ହୋଇଛି ବିଶ୍ଳେଷଣ କର ।

୩। ଧ୍ୱନି ସୃଷ୍ଟିରେ ବାକ୍‌ଯନ୍ତ୍ରର ଭୂମିକା ବିଶ୍ଳେଷଣ କର ।





*କିମ୍ବା*

ଓଡ଼ିଆ ବ୍ୟଞ୍ଜନଧ୍ୱନି ଗୁଡ଼ିକର ପରିଚୟ ଦେବା ସହିତ ଏହାର ସୃଷ୍ଟି ପ୍ରକ୍ରିୟା ସଂପର୍କରେ ଆଲୋଚନା କର ।

୪। ଓଡ଼ିଆ ଭାଷା ଉପରେ କାହିଁକି ଇଂରାଜୀ ଭାଷାର ପ୍ରଭାବ ପଡ଼ିଛି, ଏହାର ପୃଷ୍ଠଭୂମି ଓ କାରଣ ଗୁଡ଼ିକୁ ଆଲୋଚନା କର ।

*କିମ୍ବା*

ପର୍ତ୍ତୁଗୀଜ ଭାଷାସହ ଓଡ଼ିଆ ଭାଷାର ସଂପର୍କ ନିରୂପଣ କର ।

୫। ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବ ନିରୂପଣ କର ।

*କିମ୍ବା*

ଓଡ଼ିଆ ଭାଷାସହ ଯାବନିକ ଭାଷାର ସଂପର୍କ ନିରୂପଣ କର ।

---

Total Pages—3

**AGORI 01**

**2018**

**(1st Semester)**

*Time* : 3 hours

*Full Marks* : 80

Answer from **both** the Sections as per direction

*The figures in the right-hand margin indicate marks*

*Candidates are required to answer in their own words as far as practicable*

**(ଯୋଗାଯୋଗରକଳା ଓ ସମ୍ବାଦ ପ୍ରସ୍ତୁତି)**

**'କ' – ବିଭାଗ**

୧। ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୨ × ୮

(କ) ଦଳଗତ ଆଲୋଚନା କାହାକୁ କୁହାଯାଏ ?

(ଖ) ତର୍କସଭାରେ ବକ୍ତା ପ୍ରଥମେ କିପରି ନିଜର ବକ୍ତବ୍ୟ ଉପସ୍ଥାପନ କରିଥାଏ ?

( Turn Over )

(ଗ) ଓଡ଼ିଆରେ ସଂବାଦ ପରିବେଷଣ କରୁଥିବା ଦୁଇଟି ବେତାର କେନ୍ଦ୍ରର ନାମ ଲେଖ ।

(ଘ) ସମ୍ବାଦପତ୍ରର ଭାଷା କିପରି ହେବା ଆବଶ୍ୟକ ।

(ଙ) ସଫଳ ଭାଷଣ ଦେବା ପାଇଁ ଦୁଇଟି ପ୍ରଧାନ ଗୁଣର ନାମ ଲେଖ ।

(ଚ) ବ୍ୟକ୍ତିଗତ ପତ୍ର କାହାକୁ କୁହାଯାଏ ?

(ଛ) ସଂପାଦକଙ୍କୁ ପତ୍ର କାହିଁକି ଲେଖାଯାଏ ?

(ଜ) ଗଣମାଧ୍ୟମ କହିଲେ କାହାକୁ ବୁଝାଯାଏ ?

## 'ଖ' – ବିଭାଗ

ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୧୬ × ୪

୨। ଦଳଗତ ଆଲୋଚନାରେ ସଫଳ ହେବାକୁ ହେଲେ କିପରି ପ୍ରସ୍ତୁତ ହେବାକୁ ପଡ଼େ ଆଲୋଚନା କର ।

*କିମ୍ବା*

ତର୍କ-ବିତର୍କ କରିବା ଏକ ବିଜ୍ଞାନ ସମ୍ମତ କଳା । ଏହାର ସଫଳ ଦିଗଗୁଡ଼ିକ ସଂପର୍କରେ ଆଲୋଚନା କର ।





୩। ଜନମତ ଉପସ୍ଥାପନା କରିବା କ୍ଷେତ୍ରରେ ଗଣମାଧ୍ୟମ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଲୋଚନା କର ।

*କିମ୍ବା*

ବେତାର ଓ ସମ୍ବାଦପତ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଉଭୟର ପରିଭାଷା ଓ ପରିସର ବିଶ୍ଳେଷଣ କର ।

୪। ସାକ୍ଷାତ୍କାରର ପ୍ରକାରଭେଦ ଦର୍ଶାଇ ଏହାର ସକାରାତ୍ମକ ଗୁଣ ଗୁଡ଼ିକୁ ଆଲୋଚନା କର ।

*କିମ୍ବା*

ସଫଳ ଭାଷଣର ବିଭିନ୍ନ ପ୍ରାୟୋଗିକ ଦିଗ ଗୁଡ଼ିକ ସଂପର୍କରେ ଆଲୋଚନା କର ।

୫। ବାଣିଜ୍ୟିକ ପତ୍ରକାହାକୁ କୁହାଯାଏ ? ଏହାର ଶୈଳୀ ଆଲୋଚନା ସହ ଗୋଟିଏ ନମୁନା ଉପସ୍ଥାପନ କର ।

*କିମ୍ବା*

କାର୍ଯ୍ୟାଳୟ ସଂପର୍କିତ ପତ୍ର କିପରି ଲେଖାଯାଏ ଏହାର ଏକ ନମୁନା ପ୍ରଦର୍ଶନ କର ।

---

FBA-IS-Odia (Core-1)

# 2017

## ଓଡ଼ିଆ ଭାଷାର ଇତିହାସ

*Time* : 3 Hours] [*Full Marks* : 80

Answer from both the Sections as directed. The figures in the right-hand margin indicate marks.

### କ-ବିଭାଗ

୧. ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୨×୮

(କ) ଭାଷାଶାସ୍ତ୍ର ସମ୍ମତ ପ୍ରାଚୀନତମ ଲିପି କ'ଣ ?

(ଖ) ଓଡ଼ିଆ ଭାଷାର ନିଜସ୍ୱ ଶବ୍ଦକୁ କେଉଁ ନାମରେ ନାମିତ କରାଯାଇଛି ?

(ଗ) ବୌଦ୍ଧଗାନ ଦୋହାର ଦୁଇଜଣ ସିଦ୍ଧଆଚାର୍ଯ୍ୟଙ୍କ ନାମ ଲେଖ ।

(ଘ) ନାଥ ସାହିତ୍ୟର ଆଦ୍ୟ ଗ୍ରନ୍ଥର ନାମ କ'ଣ ?

(ଙ) ସାରଳାଦାସଙ୍କ ଦୁଇଟି ରଚନାର ନାମ ଲେଖ ।

(ଚ) ପଞ୍ଚସଖାଯୁଗର ବୟୋଜ୍ୟେଷ୍ଠ କବିଙ୍କ ନାମ କ'ଣ ?

(ଛ) ମାଦଳାପାଞ୍ଜିରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

(ଜ) ଓଡ଼ିଆ ରୀତିଯୁଗ କେଉଁ ସମୟଖଣ୍ଡର ସାହିତ୍ୟକୁ ବୁଝାଏ ?

## ଖ-ବିଭାଗ

ସମସ୍ତ ପ୍ରଶ୍ନର ଉତ୍ତର ଦିଅ । ୧୬×୪

୨. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ ପ୍ରସଙ୍ଗରେ ବିବରଣୀ ପ୍ରଦାନ କର ।

କିମ୍ବା

କେଉଁ ଲିପିରୁ ଏବଂ କି କି ସ୍ତର ମଧ୍ୟ ଦେଇ ଓଡ଼ିଆ ଲିପି ବିବର୍ତ୍ତିତ ହୋଇଅଛି, ସମୟ ନିର୍ଦ୍ଦେଶ ସହ ଆଲୋଚନା କର ।

୩. ଚର୍ଯ୍ୟାପଦର ଭାଷାତାତ୍ତ୍ୱିକ ଆଲୋଚନା କରି ତାହାର ବୈଶିଷ୍ଟ୍ୟ ନିରୂପଣ କର ।

କିମ୍ବା

ରୁଦ୍ରସୁଧାନିଧିର ବାକ୍ୟଗଠନ ରୀତି ଓ ଶବ୍ଦ ପ୍ରୟୋଗ ଶୈଳୀର ଆଲୋଚନା କର ।

୪. "ସାରଳା ମହାଭାରତର ଭାଷା ପ୍ରକୃତ ଓଡ଼ିଆ ଭାଷା" - ଟିପ୍ପଣୀ ଦିଅ ।

କିମ୍ବା

ଓଡ଼ିଆ ମାନକ ଭାଷାର ସ୍ୱାକ୍ଷର ରୂପେ ଜଗନ୍ନାଥ ଦାସଙ୍କ ଭାଗବତକୁ ଗ୍ରହଣ କରାଯାଇଛି - ସ୍ୱମତ ପ୍ରଦାନ କର ।

୫. କ୍ଲିଷ୍ଟ ଏବଂ ଆଳଙ୍କାରିକ ଭାଷା ପ୍ରୟୋଗ କରି ରୀତିଯୁଗର କବିଗଣ ଓଡ଼ିଆ ଭାଷାର ମହତ୍ତ୍ୱ ବୃଦ୍ଧି କରିଯାଇଛନ୍ତି - ଯୁକ୍ତି ଦର୍ଶାଅ ।

କିମ୍ବା

କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ ଚମ୍ପୂରୁ କବିଙ୍କ ଭାଷା ବିନ୍ୟାସର କୌଶଳ ଦୃଷ୍ଟାନ୍ତ ସହ ବୁଝାଅ ।

---

FBA-IS-Odia (Core-1)

# 2017

## ଓଡ଼ିଆ ଭାଷାର ଇତିହାସ

*Time* : 3 Hours] [*Full Marks* : 80

Answer from both the Sections as directed. The figures in the right-hand margin indicate marks.

### କ-ବିଭାଗ

୧. ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୨×୮

(କ) ଭାଷାଶାସ୍ତ୍ର ସମ୍ମତ ପ୍ରାଚୀନତମ ଲିପି କ'ଣ ?

(ଖ) ଓଡ଼ିଆ ଭାଷାର ନିଜସ୍ୱ ଶବ୍ଦକୁ କେଉଁ ନାମରେ ନାମିତ କରାଯାଇଛି ?

(ଗ) ବୌଦ୍ଧଗାନ ଦୋହାର ଦୁଇଜଣ ସିଦ୍ଧଆଚାର୍ଯ୍ୟଙ୍କ ନାମ ଲେଖ ।

(ଘ) ନାଥ ସାହିତ୍ୟର ଆଦ୍ୟ ଗ୍ରନ୍ଥର ନାମ କ'ଣ ?

(ଙ) ସାରଳାଦାସଙ୍କ ଦୁଇଟି ରଚନାର ନାମ ଲେଖ ।

(ଚ) ପଞ୍ଚସଖାଯୁଗର ବୟୋଜ୍ୟେଷ୍ଠ କବିଙ୍କ ନାମ କ'ଣ ?

(ଛ) ମାଦଳାପାଞ୍ଜିରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

(ଜ) ଓଡ଼ିଆ ରୀତିଯୁଗ କେଉଁ ସମୟଖଣ୍ଡର ସାହିତ୍ୟକୁ ବୁଝାଏ ?

FBA-IS-Odia (Core-2)

# 2017

## ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା

*Time* : 3 Hours] [*Full Marks* : 80

Answer from both the Sections as directed. The figures in the right-hand margin indicate marks.

### କ-ବିଭାଗ

୧. ସମସ୍ତ ପ୍ରଶ୍ନର ଉତ୍ତର ଦିଅ : ୨×୮

(କ) ଭାଷାବିଜ୍ଞାନ ଓ ଭାଷାତତ୍ତ୍ୱର ଇଂରାଜୀ ପ୍ରତିଶବ୍ଦ ଲେଖ ।

(ଖ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ମୁଖ୍ୟ ଭାଷା କ'ଣ ?

(ଗ) ସ୍ୱରଧ୍ୱନି କାହାକୁ କୁହାଯାଏ ?

(ଘ) ସଘୋଷ ଧ୍ୱନି କ'ଣ ?

(ଙ) ଦୁଇଟି ଯାବନିକ ଶବ୍ଦ ଲେଖ ।

(ଚ) 'ଆଗ୍ରର' ଓ 'କଫି' କେଉଁ ଭାଷାର ଶବ୍ଦ ?

(ଛ) କେଉଁ କେଉଁ ପ୍ରମୁଖ ଦ୍ରାବିଡ଼ ଭାଷା ଓଡ଼ିଆ ଭାଷାକୁ ପ୍ରଭାବିତ କରିଅଛି ?

(ଜ) ଭାଷାର ପ୍ରତିଶବ୍ଦ ରୂପେ ଗ୍ରୀକ୍ ଭାଷାରେ କ'ଣ କୁହାଯାଏ ?

## ଖ-ବିଭାଗ

ସମସ୍ତ ପ୍ରଶ୍ନର ଉତ୍ତର ଦିଅ । ୧୬×୪

୨. ଭାଷାର ସଂଜ୍ଞା ନିରୂପଣ କରି ଏହାର ସ୍ୱରୂପ ସମ୍ବନ୍ଧରେ ବିବରଣୀ ଦିଅ ।

କିମ୍ବା

ଭାରତୀୟ ଆର୍ଯ୍ୟଭାଷାର ଐତିହାସିକ ବିବର୍ତ୍ତନର ପରିଚୟ ସମ୍ୟକ ରୂପେ ଉପସ୍ଥାପନ କର ।

୩. ବାଗ୍‌ଯନ୍ତ୍ରର ଚିତ୍ର କରି ବିଭିନ୍ନ ଅବୟବର ନାମ ଉଲ୍ଲେଖକର ଏବଂ ଧ୍ୱନି ଉତ୍ପାଦନରେ ବାଗ୍‌ଯନ୍ତ୍ରର ବିବିଧ ଅଂଶର ସକ୍ରିୟତା ବର୍ଣ୍ଣନା କର ।

କିମ୍ବା

ବ୍ୟଞ୍ଜନ ଧ୍ୱନି କାହାକୁ କୁହାଯାଏ ? ଉଚ୍ଚାରଣ ସ୍ଥାନ ଭିତ୍ତିରେ ବ୍ୟଞ୍ଜନ ଧ୍ୱନିକୁ ବର୍ଗୀକରଣ କରି ବୁଝାଅ ।

୪. ପର୍ତ୍ତୁଗୀଜ ଭାଷା ଓଡ଼ିଆ ଭାଷାକୁ କି ରୂପେ ପ୍ରଭାବିତ କରିଛି, ତାହା ଆଲୋଚନା କର ।

କିମ୍ବା

ଉଦାହରଣ ମାଧ୍ୟମରେ ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ କେତେ - ସମୀକ୍ଷା କର ।

୫. ଦ୍ରାବିଡ଼ ଭାଷାର ପ୍ରଭାବରେ ଓଡ଼ିଆ ଭାଷାର ଅଭିବୃଦ୍ଧି ଘଟିଛି - ପ୍ରମାଣ ସହ ମତାମତ ଦିଅ ।

କିମ୍ବା

ଯାବନିକ ଭାଷା ଦ୍ୱାରା ଓଡ଼ିଆ ଭାଷା ପ୍ରଭାବିତ ଏବଂ ପଲ୍ଲବିତ - ଦୃଷ୍ଟାନ୍ତ ମାଧ୍ୟମରେ ସତ୍ୟତା ନିର୍ଣ୍ଣୟ କର ।

———

# 2017

# ଯୋଗାଯୋଗର ଭଙ୍ଗୀ ଓ ମାଧ୍ୟମ

*Time* : 3 Hours] [*Full Marks* : 80

Answer from both the Sections as directed. The figures in the right-hand margin indicate marks.

## କ-ବିଭାଗ

୧. ସମସ୍ତ ପ୍ରଶ୍ନର ଉତ୍ତର ଦିଅ : 9×[

(କ) ଆଶା ପତ୍ରିକାର ପ୍ରଥମ ସଂପାଦକ କିଏ ?

(ଖ) ଦକ୍ଷିଣ ଓଡ଼ିଶାରେ କେତୋଟି ବେତାର କେନ୍ଦ୍ର କାର୍ଯ୍ୟରତ ?

(ଗ) ଓଡ଼ିଆରେ ସମ୍ବାଦ ପରିବେଷଣ କରୁଥିବା ଦୁଇଟି ଦୂରଦର୍ଶନ ସଂସ୍ଥାର ନାମ ଲେଖ ।

(ଘ) ସମ୍ବାଦପତ୍ର ବାଣ୍ଟୁଥିବା ଭଦ୍ରବ୍ୟକ୍ତିଙ୍କୁ କ'ଣ ସମ୍ବୋଧନ କରାଯାଏ ?

(ଙ) ତର୍କବିତର୍କ ସକାଶେ ସଠିକ ଶୀର୍ଷକ ଚୟନ କରି ଲେଖ ।

(ଚ) ଦଳଗତ ଆଲୋଚନା ତୁମର କେଉଁ ଦକ୍ଷତା ବୃଦ୍ଧି କରାଏ ?

(ଛ) ଭାଷଣ ସଭାରେ ପ୍ରଥମେ କାହାକୁ ସମ୍ବୋଧନ କରାଯାଏ ?

(ଜ) ସାକ୍ଷାତକାରର ଗୋଟିଏ ଉଦ୍ଦେଶ୍ୟ ଦର୍ଶାଅ ।

## ଖ-ବିଭାଗ

ସମସ୍ତ ପ୍ରଶ୍ନର ଉତ୍ତର ଦିଅ । ୧୬×୪

୨. ଦଳଗତ ଆଲୋଚନା କହିଲେ କ'ଣ ବୁଝ ? ଏଥିରେ ଭାଗ ନେବା ପାଇଁ ଜଣେ କେଉଁ ଦକ୍ଷତାରେ ଧୂରୀଣ ହେବା ଆବଶ୍ୟକ ?

କିମ୍ବା

ତର୍କ-ବିତର୍କର ସଂଜ୍ଞା ଲେଖି ଏହାର ବିବିଧ ଦିଗର ସୂଚନା ଦିଅ ।

୩. ସମ୍ବାଦପତ୍ର ଗଣମାଧ୍ୟମର ଏକ ବଳିଷ୍ଠ ଉପକ୍ରମ- ଆଲୋଚନା କର ।

କିମ୍ବା

ରାଷ୍ଟ୍ର ନିର୍ମାଣରେ ଦୂରଦର୍ଶନ ଓ ବେତାର ଗଣମାଧ୍ୟମର ଭୂମିକା ମହତ୍ତ୍ୱପୂର୍ଣ୍ଣ - ମତାମତ ପ୍ରଦାନ କର ।

୪. ସାକ୍ଷାତକାରର ସଂଜ୍ଞା ନିରୂପଣ କରି ଏହାର ଆବଶ୍ୟକ ସଂପର୍କରେ ଧାରଣା ଦିଅ ।

କିମ୍ବା

ଭାଷଣ ଏକ ବୌଦ୍ଧିକ କଳା, ଏହାର ବିବିଧ ଦିଗ ନିର୍ଣ୍ଣୟ କର ।

୫. ତୁମ ଗ୍ରାମକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିମନ୍ତେ ପଞ୍ଚାୟତ ସମିତି ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ ଜଣାଅ ।

କିମ୍ବା

ତୁମ ପାଖଆଖ ଅଞ୍ଚଳରେ ଆୟୋଜନ ହେଉଥିବା ପୁସ୍ତକମେଳାରେ ଯୋଗଦେବା ପାଇଁ ଦୂରରେ ଥିବା ବନ୍ଧୁଙ୍କୁ ପତ୍ର ଦ୍ୱାରା ଆମନ୍ତ୍ରଣ କର ।